# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**20th July - 2024**

**News Editor : *Itishree Singh Rathuar***

*************************************

## ମୁଖ୍ୟ ସମ୍ବାଦ

- ସପ୍ତଦଶ ବିଧାନସଭାର ପ୍ରଥମ ଅଧିବେଶନ ପୂର୍ବରୁ ଆସନ୍ତାକାଲି ଅନୁଷ୍ଠିତ ହେବ ସର୍ବଦଳୀୟ ବୈଠକ ।

- ପୁରୀରେ ଆୟୋଜିତ ରାଜ୍ୟ ବି.ଜେ.ପି.ର କାର୍ଯ୍ୟକାରିଣୀ ବୈଠକ ଶେଷ ।

— ବିକଶିତ ଓଡ଼ିଶା ଗଠନ ନେଇ ବୈଠକରେ ପାରିତ ହେଲା ୫ଟି ପ୍ରସ୍ତାବ ।

- ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଆଜି ନୀଟ୍-ୟୁ.ଜି.ର ସହର ଓ ପରୀକ୍ଷାକେନ୍ଦ୍ରଓ୍ୱାରୀ ପରୀକ୍ଷାଫଳ ପ୍ରକାଶ ।

- ପଦ୍ମଶ୍ରୀ କମଳା ପୂଜାରୀଙ୍କ ପରଲୋକରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ ପ୍ରକାଶ ।

— କୋରାପୁଟ ଜିଲ୍ଲାର ପାତ୍ରପୁଟଠାରେ ଆସନ୍ତାକାଲି ହେବ ଶେଷକୃତ୍ୟ ।

ଏବଂ

- ରାଜ୍ୟରେ ପ୍ରବଳ ବର୍ଷା ହେବାନେଇ ୭ଟି ଜିଲ୍ଲାକୁ ସତର୍କ ସୂଚନା ।

*Desk*

# ସର୍ବଦଳୀୟ ବୈଠକ

ସପ୍ତଦଶ ବିଧାନସଭାର ପ୍ରଥମ ଅଧିବେଶନ ପୂର୍ବରୁ ଆସନ୍ତାକାଲି ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ। ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ପୂର୍ବାହ୍ଣ ୧୧ଟାରେ ବୈଠକ ବସିବ। ବଜେଟ୍ ଅଧିବେଶନକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ବାଚସ୍ପତି ସମସ୍ତଙ୍କ ସହଯୋଗ କାମନା କରିବେ ବୋଲି ଜଣାପଡିଛି। ବୈଠକ ପୂର୍ବରୁ ସରକାରୀ ଦଳ ମୁଖ୍ୟ ସଚେତକ ଏବଂ ଉପମୁଖ୍ୟ ସଚେତକ ନିଯୁକ୍ତ ହେବେ। ସେହିପରି ଆସନ୍ତା ୨୩ ତାରିଖରେ ଉପବାଚସ୍ପତି ପଦ ଲାଗି ନାମାଙ୍କନ ହେବ। ସେହିଦିନ ମଧ୍ୟାହ୍ଣ ୧୨ଟା ସୁଦ୍ଧା ନାମାଙ୍କନପତ୍ର ଦାଖଲ ହେବ ଏବଂ ୨୪ ତାରିଖରେ ଫଳାଫଳ ଘୋଷଣା କରାଯିବ।

ସୂଚନାଯୋଗ୍ୟ, ବିଧାନସଭାର ପ୍ରଥମ ଅଧିବେଶନ ଆସନ୍ତା ୨୨ ତାରିଖରୁ ଆରମ୍ଭ ହେବ। ଆସନ୍ତା ୨୫ ତାରିଖରେ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ ହେବ।

*Puri/R*

# ବି.ଜେ.ପି. କାର୍ଯ୍ୟକାରିଣୀ ବୈଠକ

ପୁରୀଠାରେ ଅନୁଷ୍ଠିତ ଦୁଇଦିନିଆ ରାଜ୍ୟ ବିଜେପିର କାର୍ଯ୍ୟକାରିଣୀ ବୈଠକ ଆଜି ଶେଷ ହୋଇଛି । ବୈଠକର ଦ୍ୱିତୀୟ ଦିନରେ ରାଜନୈତିକ ଚିଠା ପ୍ରସ୍ତାବ ପାରିତ ହୋଇଥିବା ନେଇ ଦଳର ବରିଷ୍ଠ ନେତା ସୁରେଶ ପୂଜାରୀ ସୂଚନା ଦେଇଛନ୍ତି । ବୈଠକରେ ୫ଟି ପ୍ରସ୍ତାବ ପାରିତ ହୋଇଛି । ଦଳ ସନ୍ତୁଳିତ, ସାମଗ୍ରିକ ଏବଂ ସମତୁଲ ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରିଛି । ଆସନ୍ତା ୨୦୩୬କୁ ଲକ୍ଷ୍ୟ ରଖି ୧୨ ବର୍ଷର ଦୁର୍ନୀତିମୁକ୍ତ ସ୍ୱଚ୍ଛ ଶାସନ ପାଇଁ ଦଳ ପକ୍ଷରୁ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରାଯାଇଛି । ବିକଶିତ ଓ ଆତ୍ମନିର୍ଭର ଓଡ଼ିଶା ଗଠନ ଲାଗି ତୃଣମୂଳ ସ୍ତରରୁ କାର୍ଯ୍ୟ କରିବାପାଇଁ ସଙ୍କଳ୍ପ ନିଆଯାଇଛି । ଧାଡ଼ିର ଶେଷରେ ଛିଡ଼ା ହୋଇଥିବା ବ୍ୟକ୍ତି ପାଖରେ ବିକାଶ ପହଞ୍ଚାଇବା ସରକାରଙ୍କ ପ୍ରାଥମିକତା ରହିବ ବୋଲି କୁହାଯାଇଛି । ଆଜିର ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଦଳର ବହୁ ବରିଷ୍ଠ ନେତା ତଥା କର୍ମୀମାନେ ଯୋଗ ଦେଇଥିଲେ । ସୂଚନା ଅନୁସାରେ, ଗତକାଲି ବି.ଜେ.ପି.ର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ବୈଠକକୁ ଉଦ୍‌ଘାଟନ କରିଥିଲେ ।

*Desk*

# ନୀଟ୍ - ୟୁ.ଜି. ପରୀକ୍ଷା ଫଳ

ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଆଜି ନୀଟ୍-ୟୁ.ଜି. ପରୀକ୍ଷା ଫଳ ପ୍ରକାଶ ପାଇଛି । ଛାତ୍ରଛାତ୍ରୀମାନେ neet.ntaonline.inରେ ପରୀକ୍ଷା ଫଳ ଦେଖିପାରିବ ।

ସୂଚନା ଅନୁସାରେ, ସୁପ୍ରିମକୋର୍ଟରେ ଗତ ଗୁରୁବାର ନିଟ୍-ୟୁଜି ପ୍ରବେଶିକା ପରୀକ୍ଷାରେ ଅନିୟମିତତା ମାମଲାର ଆବେଦନଗୁଡ଼ିକର ଶୁଣାଣି ହୋଇଥିଲା । ସର୍ବୋଚ୍ଚ ନ୍ୟାୟାଳୟ ଆଜି ଦିନ ୧୨ ସୁଦ୍ଧା ପ୍ରବେଶିକା ପରୀକ୍ଷା ଫଳ ୱେବସାଇଟ୍‌ରେ ପ୍ରକାଶ କରିବା ଲାଗି ଜାତୀୟ ପରୀକ୍ଷଣ ସଂସ୍ଥା-ଏନ୍‌ଟିଏକୁ ନିର୍ଦ୍ଦେଶ ଦେଇଥିଲେ । ସହରଓ୍ୱାରି ଏବଂ ପରୀକ୍ଷାକେନ୍ଦ୍ରଓ୍ୱାରି ଫଳାଫଳ ପ୍ରକାଶ କରିବା ଲାଗି ନିର୍ଦ୍ଦେଶନାମାରେ କୁହାଯାଇଥିଲା । ଆସନ୍ତା ମଙ୍ଗଳବାର ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରାଯାଇଛି ।

*Desk*

# ଯୁକ୍ତ ଦୁଇ ମେଧା ତାଲିକା

ରାଜ୍ୟରେ ଯୁକ୍ତ ଦୁଇ ପ୍ରଥମ ବର୍ଷ କଳା, ବିଜ୍ଞାନ, ବାଣିଜ୍ୟ, ସଂସ୍କୃତ ଓ ଧନ୍ଦାମୂଳକ ଶିକ୍ଷାରେ ନାମଲେଖା ପାଇଁ ପ୍ରଥମ ମେଧାତାଲିକା ଓ କଟ୍ ଅଫ୍ ମାର୍କ ପ୍ରକାଶ ପାଇଛି । କଟକ ରେଭେନ୍ସା କନିଷ୍ଠ ମହାବିଦ୍ୟାଳୟ ଯୁକ୍ତ ଦୁଇ

ବିଜ୍ଞାନରେ କଟ୍ ଅଫ୍ ମାର୍କରେ ଶୀର୍ଷରେ ରହିଛି। ରେଭେନ୍ସାରେ ବିଜ୍ଞାନରେ ନାମଲେଖା ପାଇଁ ୯୧ ଦଶମିକ ୫ ପ୍ରତିଶତ କଟ୍ ଆଫ୍ ମାର୍କ ଧାର୍ଯ୍ୟ କରାଯାଇଥିବା ବେଳେ ବାଣିଜ୍ୟରେ ୭୭ ପ୍ରତିଶତ ଏବଂ କଳାରେ ୭୫ ଦଶମିକ ୧/୭ ପ୍ରତିଶତ କଟ୍ ଅଫ୍ ମାର୍କ ରହିଛି। ସେହିପରି ଭୁବନେଶ୍ୱର ବିଜେବି କଲେଜରେ କଟ୍ ଅଫ୍ ମାର୍କ ବିଜ୍ଞାନରେ ୮୭ ପ୍ରତିଶତ, ବାଣିଜ୍ୟରେ ୭୦ ପ୍ରତିଶତ ଏବଂ କଳାରେ ୭୨ ଦଶମିକ ୩/୩ ପ୍ରତିଶତ ରହିଛି।

ସେହିଭଳି ମେଧା ତାଲିକାରେ ୪ ଲକ୍ଷ ୨୬ ହଜାର ୪୭୨ ଜଣ ଯୋଗ୍ୟ ବିବେଚିତ ହୋଇଛନ୍ତି। ଛାତ୍ରଛାତ୍ରୀମାନେ ଚଳିତ ମାସ ୨୨ରୁ ୨୭ ତାରିଖ ମଧ୍ୟରେ ନାମ ଲେଖାଇପାରିବେ । ଆସନ୍ତା ଅଗଷ୍ଟ ୫ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ମେଧାତାଲିକା ପ୍ରକାଶ ପାଇବ।

ଚଳିତ ବର୍ଷ ରାଜ୍ୟର ୨ ହଜାର ୩୪୩ଟି ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ମୋଟ୍ ୫ ଲକ୍ଷ ୪୮ ହଜାର ୨୪୯ଟି ଆସନ ରହିଛି । ତେବେ ନାମ ଲେଖାଇବା ପାଇଁ ୪ ଲକ୍ଷ ୭୧ ହଜାର ୫୮୭ ଜଣ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି । ସୂଚନା ଅନୁସାରେ, ଆସନ୍ତା ଅଗଷ୍ଟ ପହିଲାରୁ ଯୁକ୍ତ ୨ ପ୍ରଥମବର୍ଷ ପାଠପଢ଼ା ଆରମ୍ଭ ହେବ ।

*Desk, Koraput/R*

# ପଦ୍ମଶ୍ରୀ କମଳା ପୂଜାରୀ - ପରଲୋକ

ପଦ୍ମଶ୍ରୀ କମଳା ପୂଜାରୀଙ୍କ ଆଜି ୭୬ ବର୍ଷ ବୟସରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶ୍ରୀମତୀ ପୂଜାରୀଙ୍କ ପରଲୋକରେ ଶୋକପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ରାଷ୍ଟ୍ରପତି ଲେଖିଛନ୍ତି, ଧାନ ଓ ଅନ୍ୟାନ୍ୟ ଫସଲର ବିଭିନ୍ନ କିସମର ବିରଳ ତଥା ଲୁପ୍ତପ୍ରାୟ ବିହନଗୁଡ଼ିକର ସଂରକ୍ଷଣ ଦିଗରେ ତାଙ୍କର ଉଲ୍ଲେଖନୀୟ ଉଦ୍ୟମ ନିମନ୍ତେ ସେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିଲେ । ଜୈବିକ କୃଷି ସାଙ୍ଗକୁ ପରିବେଶ ସଂରକ୍ଷଣ କ୍ଷେତ୍ରରେ ତାଙ୍କର ଅବଦାନ ଅବିସ୍ମରଣୀୟ ରହିବ ।

ସେହିଭଳି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ବ୍ୟକ୍ତକରି ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି, କୃଷିକ୍ଷେତ୍ରରେ ଶ୍ରୀମତୀ ପୂଜାରୀଙ୍କ ମହାନ ଅବଦାନ ରହିଛି । ବିଶେଷକରି ଜୈବିକ କୃଷି ଏବଂ ସ୍ୱଦେଶୀ ମଞ୍ଜିଗୁଡ଼ିକୁ ସଂରକ୍ଷଣ କରିବା ଦିଗରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

ରାଜ୍ୟପାଳ ରଘୁବର ଦାସ ମଧ୍ୟ ଶ୍ରୀମତୀ ପୂଜାରୀଙ୍କ ବିୟୋଗରେ ଶୋକପ୍ରକାଶ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ରାଜ୍ୟପାଳ ଶ୍ରୀ ଦାସ କହିଛନ୍ତି, ଚାଷକୁ ପ୍ରୋତ୍ସାହିତ କରିବା ଏବଂ ସ୍ୱଦେଶୀ ଧାନର ବିହନକୁ ସଂରକ୍ଷିତ କରିବାର ଉଦ୍ୟମ ପାଇଁ ତାଙ୍କୁ ସର୍ବଦା ସ୍ମରଣ କରାଯିବ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକପ୍ରକାଶ କରି କହିଛନ୍ତି, ଶ୍ରୀମତୀ ପୂଜାରୀ ଜଣେ ଅସାଧାରଣ ଗୁଣୀ, ସାଧିକା ଓ ତ୍ୟାଗୀ ମହିଳା ଥିଲେ। ଶତାଧିକ ସ୍ୱଦେଶୀ ଧାନ ଓ ଅନ୍ୟାନ୍ୟ ଶସ୍ୟର ବିହନ ସଂରକ୍ଷଣ କରି ଏବଂ ଜୈବିକ ଚାଷକୁ ପ୍ରୋତ୍ସାହନ ଦେଇ ସେ ମଣିଷ ସମାଜ ପାଇଁ ଏକ ସୁନ୍ଦର ଭବିଷ୍ୟତ ସଂରକ୍ଷିତ କରୁଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜନଜାତି ସମୁଦାୟରୁ ଆସି ଜୈବିକ ଚାଷ କ୍ଷେତ୍ରରେ ତାଙ୍କର ଅସାଧାରଣ ଅବଦାନ ଚିରସ୍ମରଣୀୟ ହୋଇ ରହିବ ବୋଲି କହିଛନ୍ତି ।

କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ମଧ୍ୟ ଶ୍ରୀମତୀ ପୂଜାରୀଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରିଛନ୍ତି ।

ସୂଚନା ଅନୁସାରେ, ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବାରୁ ଦୁଇ ଦିନ ପୂର୍ବେ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଆଜି ସକାଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଛି । ସେ ଫୁସ୍‌ଫୁସ୍ ସଂକ୍ରମଣ ଓ କିଡ୍‌ନୀ ଜନିତ ରୋଗରେ ପୀଡ଼ିତ ଥିଲେ। ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ ପରେ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ତାଙ୍କ ମରଶରୀରକୁ କୋରାପୁଟ ପଠାଯାଇଥିବା ଜଣାପଡ଼ିଛି। ତାଙ୍କ ଗ୍ରାମ ପାତ୍ରପୁଟଠାରେ ଆସନ୍ତାକାଲି ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ସାନପୁଅ ଟଙ୍କଧର ସୂଚନା ଦେଇଛନ୍ତି।

୨୦୧୯ ମସିହାରେ କମଳା ପୂଜାରୀଙ୍କୁ ବିଭିନ୍ନ କିଶମର ବିହନ ସଂରକ୍ଷଣ ପାଇଁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା।

*Puri/R*

## ନୀଳାଚଳ ଅବଢ଼ା

ପୁରୀ ଶ୍ରୀମନ୍ଦିରରେ ଗତକାଲି ଚତୁର୍ଦ୍ଧାମୂର୍ତ୍ତିଙ୍କ ନୀଳାଦ୍ରି ବିଜେ ପରେ ଆଜି ମଙ୍ଗଳ ଆଳତୀ ଓ ଅନ୍ୟାନ୍ୟ ନୀତି ତଥା ସକାଳ ଧୂପ ଶେଷ ହୋଇଥିଲା । ଏହାପରେ ନୀଳାଚଳ ଅବଢ଼ା ଲାଗି ହୋଇଥିଲା । ପ୍ରାୟ ଏକ ମାସ ପରେ ରତ୍ନବେଦୀରେ ଶ୍ରୀଜିଉଙ୍କୁ ଦର୍ଶନ କରି ଶ୍ରଦ୍ଧାଳୁମାନେ ଆନନ୍ଦ ପ୍ରକାଶ କରିଥିଲେ ।

*Ganjam/R*

## ଧାନବିକ୍ରି - ଚାଷୀ ଦାବି

ଗଞ୍ଜାମ ଜିଲ୍ଲାର ଛତ୍ରପୁରସ୍ଥିତ ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ ଚାଷୀମାନଙ୍କ ବିଭିନ୍ନ ସମସ୍ୟା ନେଇ ଏକ ଦାବିପତ୍ର ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ପ୍ରଦାନ କରାଯାଇଛି । ପଞ୍ଜୀକରଣ ବ୍ୟବସ୍ଥା ସରଳୀକରଣ କରି ଭାଗଚାଷୀ ସମେତ ସମସ୍ତ ଚାଷୀଙ୍କୁ ଧାନ ବିକ୍ରି କରିବାପାଇଁ ସୁବ୍ୟବସ୍ଥା କରିବାକୁ ଚାଷୀମାନେ ଜିଲ୍ଲାପାଳଙ୍କୁ ଆବେଦନ କରିଛନ୍ତି । ଟୋକନ୍ ବ୍ୟବସ୍ଥା ବନ୍ଦ କରାଯାଇ ସମସ୍ତ ଚାଷୀଙ୍କ ଧାନ ବିକ୍ରି କରିବାକୁ ସେମାନେ ଦାବି କରିଛନ୍ତି ।

*Nayagarh/R*

## ଶ୍ରମିକ - ସହାୟତା ପ୍ରଦାନ

ନୟାଗଡ଼ ଜିଲ୍ଲାରେ ଶ୍ରମିକ କଲ୍ୟାଣ ଯୋଜନାରେ ହିତାଧିକାରୀମାନଙ୍କୁ ଜିଲ୍ଲାପାଳ ସ୍ୱଧାଦେବ ସିଂହ ସହାୟତା ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ୯୫ ଜଣ ହିତାଧିକାରୀଙ୍କୁ ୫୮ ଲକ୍ଷ ୩୨ ହଜାର ୪୦୦ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଛି । ଏଥିରେ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

*Malkangiri/R*

## ବନ୍ୟା

ରାଜ୍ୟରେ ଲାଗି ରହିଥିବା ଲଗାଣ ବର୍ଷା ଯୋଗୁଁ ମାଲକାନଗିରି ଜିଲ୍ଲା ସଦର ମହକୁମା ସହ କାଲିମେଳା, ମାଥିଲି ଓ ଚିତ୍ରକୋଣ୍ଡା ବ୍ଲକ୍‌ରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ସେହିଭଳି ଜିଲ୍ଲାର ୩୨୬ ନମ୍ବର ଜାତୀୟ ରାଜପଥର ଏମ୍.ଭି.-୪୦, ପୋଟେରୁ, କାଙ୍ଗୁରୁକୋଣ୍ଡା ଓ ଏମ୍.ଭି.-୯୬ ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେଉଛି । ଏହାର ପ୍ରଭାବରେ ମାଲକାନଗିରିଠାରୁ କାଲିମେଳା ଓ ମୋଟୁ ପର୍ଯ୍ୟନ୍ତ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ଏଥିସହ ସମସ୍ତ ପୋଲ ଉପରେ ୩ରୁ ୬ ଫୁଟ୍ ଜଳ ପ୍ରବାହିତ ହେଉଛି । ସୁରକ୍ଷା ଦୃଷ୍ଟିରୁ ଉଭୟ ପାର୍ଶ୍ୱରେ ପୁଲିସ୍ ମୁତୟନ କରାଯାଇଛି ।

ଖଇରପୁଟ୍‌ଠାରୁ ମୁଦୁଲିପଡ଼ା ମଧ୍ୟରେ ଯାନବାହନ ଚଳାଚଳ ବନ୍ଦ ରହିଥିବା ନେଇ ଆମ ସମ୍ବାଦଦାତା ସୂଚନା ଦେଇଛନ୍ତି ।

***Met. O.***

## ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଅବପାତରେ ପରିଣତ ହୋଇଛି । ଏହାର ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଲାଗି ରହିଛି । ଏହିଭଳି ପରିସ୍ଥିତି ଆଗାମୀ ୨ ଦିନ ପର୍ଯ୍ୟନ୍ତ ଲାଗି ରହିବ ବୋଲି ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ହେବା ନେଇ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, ଗଞ୍ଜାମ ଓ ଗଜପତି ଜିଲ୍ଲାପାଇଁ ସତର୍କ ସୂଚନା ଜାରି କରାଯାଇଛି । ସେହିଭଳି ୯ଟି ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ହେବା ସମ୍ଭବନା ରହିଛି ।

ରାଜ୍ୟରେ ବିଭିନ୍ନ ପ୍ରବଳ ବର୍ଷା ପରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ଉପରେ ନଜର ରଖିବାକୁ ସ୍ୱତନ୍ତ୍ର ରିଲିଫ୍ କମିଶନର ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆବଶ୍ୟକ ପଡ଼ିଲେ ତଳିଆ ଅଞ୍ଚଳର ଲୋକଙ୍କୁ ସ୍ଥାନାନ୍ତର କରିବାକୁ ପରାମର୍ଶ ଦିଆଯାଇଛି ।

*****